ଓଡିଶା ରାଜ୍ୟ ଅର୍ଥ ନିଗମ

ଓ.ଏମ.ପି . ଛକ, କଟକ - ୭୫୩୦୦୩,

ସମ୍ପତ୍ତି ନିଲାମ ନୋଟିସ୍ ତା ୨୧ /୧୧ /୦୯

ଏତଦ୍ୱାରା ଇଚ୍ଛୁକ ନିଲାମ ଧାରୀଙ୍କଠାରୁ ସାଧାରଣ ବିଜ୍ଞପ୍ତି ଜରିଆରେ ନିମ୍ନଲିଖିତ ସମ୍ପତ୍ତି "ଯେଉଁ ଠାରେ ଏବଂ ଯେଉଁ ଅବସ୍ଥାରେ ଅଛି" ବିକ୍ରୟ ନିମନ୍ତେ ଜଉମୁଦଦିଆ ଲଫାଫାରେ ନିର୍ଦ୍ଧାରିତ ଟେଣ୍ଡର ଫର୍ମରେ ଅମାନତ ଜମା ସହିତ ତା ୩/୧୨/୨୦୦୯ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା କିମ୍ବା ପୂର୍ବରୁ ସେମାନଙ୍କ ଦ୍ୱାରା ଦରଜ ହେଉଥିବା ଧାର୍ଯ୍ୟ ମୂଲ୍ୟ ଆହ୍ୱାନ କରାଯାଉଅଛି । ଆଶାୟୀ ନିଲାମଧାରୀମାନେ ନିର୍ଦ୍ଧାରିତଟେଣ୍ଡର ଫର୍ମର ମୂଲ୍ୟ ତାରିଶହ ଟଙ୍କା ନଗଦ ଆକାରରେ ଦାଖଲ କରି ଟେଣ୍ଡର ଫର୍ମ କ୍ରୟ କରିପାରିବେ । ଟେଣ୍ଡର ଫର୍ମରେ ଆବଶ୍ୟକ ପଡୁଥିବା ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ ସହ ଅମାନତ ଜମାକୁ ସଂଲଗ୍ନ କରି ଆଶାୟୀ ନିଲାମଧାରୀମାନେ ଉପ-ସାଧାରଣ ପରିଚାଳକ, ଋଣ ଆଦାୟ ବିଭାଗ, ରାଜ୍ୟ ଅର୍ଥ ନିଗମ ମୁଖ୍ୟ କାର୍ଯ୍ୟାଳୟ, କଟକ ସ୍ଥିତ କିମ୍ବା ଶାଖା ପରିଚାଳକ, ଭୁବନେଶ୍ୱର ଶାଖାଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଧାର୍ଯ୍ୟ ତାରିଖ ଭିତରେ ଦାଖଲ କରିପାରିବେ ।

**ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ**

ମୌଜା - ଜେମାଦେଇପୁର ପାଟଣା

ଥାନା/ଜିଲ୍ଲା - ନୟାଗଡ

ଖାତା ନଂ - ୨୫୨ ,

ପ୍ଲ ଟ ନଂ -୫୬୦, ରକବା - ଏ୦.୬୫ ଡି

ଖାତା ନଂ - ୧୦୩,

ପ୍ଲ ଟ ନଂ -୬୨୪, ରକବା - ଏ୦.୦୫ ଡି

ଏ୦.୭୦ ଡି

**ମେସର୍ସ ଆଙ୍ଗୁଲେଇ ରାଇସ୍ ମିଲ୍**

ସଂରକ୍ଷିତ ମୂଲ୍ୟ (Offset Price)

ଟଙ୍କା - ୧୭,୯୬,୦୦୦/-

ଅମାନତ ଜମା (EMD)

ଟଙ୍କା - ୮୯,୮୦୦/-

ନିଲାମ ତାରିଖ, ସମୟ, ସ୍ଥାନ

ତା ୦୪/୧୨/୦୯ରିଖ

ଦିବା ୧୧ ଘଟିକା

ରାଜ୍ୟ ଅର୍ଥ ନିଗମ, ଭୁବନେଶ୍ୱର ଶାଖା କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ କମ୍ପ୍ଲେକ୍ସ, ଭୁବନେଶ୍ୱର

ଉପରୋକ୍ତ ସ୍ଥାବର ସମ୍ପତ୍ତି ରାଜ୍ୟ ଅର୍ଥ ନିଗମର ବିକ୍ରୟ କମିଟି (DDAC) ଦ୍ୱାରା ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରାଯିବ. ଯାହାର ସମ୍ପୂର୍ଣ୍ଣ ବିବରଣୀ ନିଗମର କାର୍ଯ୍ୟକାରୀ ଦିବସରେ ତା ୦୩/୧୨/୦୯ରିଖ ପର୍ଯ୍ୟନ୍ତ ଉପଲବ୍ଧ ହୋଇପାରିବ । ଇଚ୍ଛୁକ ନିଲାମଧାରୀମାନେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ତଦାରଖ କରିସାରିବା ପରେ ଯଦି ପସନ୍ଦ ହୁଏ ଏବଂ କ୍ରୟ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ସେମାନଙ୍କ ଦ୍ୱାରା ସ୍ଥିରୀକୃତ ମୂଲ୍ୟରାଶିକୁ ଟେଣ୍ଡର ଫର୍ମରେ ଦରଜ କରି ଏବଂ ଅନ୍ୟାନ୍ୟ ବିବରଣୀ ପ୍ରଦାନ କରିବା ସହିତ ଧାର୍ଯ୍ୟ ଅମାନତ ଜମା ରାଶି "ଓଡିଶା ରାଜ୍ୟ ଅର୍ଥ ନିଗମ" (OSFC) ଙ୍କ ନାମରେ ପେ ଅର୍ଡର/ଡିମାଣ୍ଡ ଡ୍ରାଫ୍ଟ ସଂଲଗ୍ନ କରି ଟେଣ୍ଡର ବାକ୍ସରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରି ପାରିବେ । ନିର୍ଦ୍ଦିଷ୍ଟ ଅମାନତ ଜମା ବିନା କୌଣସି ଆବେଦନ ଗ୍ରହଣୀୟ ନୁହେଁ । ବିକ୍ରୟ କମିଟି (DDAC) ଉକ୍ତ ସମ୍ପତ୍ତି ବିକ୍ରୟ କିମ୍ବା ସ୍ଥଗିତ ରଖିବାର ନିଷ୍ପତ୍ତି ନେଇ ପାରିବେ ଏବଂ ବିକ୍ରୟ ର ସମସ୍ତ ସର୍ତ୍ତାବଳୀ ପ୍ରଯୁଜ୍ୟ ରହିବ ।

ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ

ସ୍ୱା/-

ଉପସାଧାରଣ ପରିଚାଳକ